# ରୋଜଗାରର ମାଧ୍ୟମ

# ଛତୁଚାଷ






ପ୍ରସ୍ତୁତି : ଶ୍ରୀମତୀ ନମିତା ମହାପାତ୍ର

ସଂପାଦନା : ଡ. ସୂର୍ଯ୍ୟ ନାରାୟଣ ମିଶ୍ର



କୃଷିବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡ଼ା

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ବ୍ୟବସାୟିକ ଭିତ୍ତିରେ ଛତୁଚାଷ

ଛତୁ ଏକ ଖାଦ୍ୟ ଉପଯୋଗୀ ଫିମ୍ପି, ନିଜର ସ୍ୱାଦତଥା ସୁଗନ୍ଧ ଯୋଗୁଁ ଏହା ଲୋକପ୍ରିୟ ହୋଇପାରିଛି । ଛତୁ ଚାଷ ଏକ ଲାଭଜନକ ବ୍ୟବସାୟ । ନାମମାତ୍ର ଚାଷୀଠାରୁ ଆରମ୍ଭ କରି ଧନୀ ଚାଷୀମାନେ ଛତୁ ଚାଷ କରି ଲାଭବାନ ହୋଇପାରିବେ । ସାରା ପୃଥିବୀରେ ପ୍ରାୟ ୧୦ ହଜାର ଛତୁ ଶ୍ରେଣୀର ଫିମ୍ପିମାନଙ୍କ ମଧ୍ୟରୁ ୨ ହଜାର ପ୍ରକାର ଖାଦ୍ୟ ଉପଯୋଗୀ ଛତୁ ଦେଖିବାକୁ ମିଳେ । ପୃଥିବୀରେ ଉତ୍ପାଦିତ ହେଉଥିବା ପ୍ରମୁଖ ଛତୁମାନଙ୍କ ମଧ୍ୟରେ ବୋତାମ ଛତୁ, ଧିଙ୍ଗିରି ଛତୁ, ପାଳ ଛତୁ, ଦୁଧ ଛତୁ, କଳା ଜଙ୍ଗଲି ଛତୁ, ବା ସିଟେକ୍ ଇତ୍ୟାଦି ଛତୁ ଅନ୍ୟତମ । ଭାରତବର୍ଷରେ ଚାଷ କରାଯାଉଥିବା ଛତୁମାନଙ୍କ ମଧ୍ୟରେ ବୋତାମ ଛତୁ, ଧିଙ୍ଗିରି ଛତୁ, ପାଳଛତୁ ଓ ଦୁଧ ଛତୁ ପ୍ରଧାନ, ତେବେ ଆମ ରାଜ୍ୟ ଓଡ଼ିଶାରେ ପାଳଛତୁ, ଧିଙ୍ଗିରି ଛତୁ ଓ ଦୁଧ ଛତୁ ବ୍ୟବସାୟିକ ଭିତ୍ତିରେ ଚାଷ କରାଯାଉଛି ।

## ଛତୁ ଚାଷର ଆବଶ୍ୟକତା

ଛତୁ ସ୍ୱାଦଯୁକ୍ତ, ଔଷଧୀୟଗୁଣ ସମ୍ପନ୍ନ ତଥା ପୁଷ୍ଟିକାରକ । ଛତୁରେ ୧୯ରୁ ୩୫ ପ୍ରତିଶତ ପ୍ରୋଟିନ ରହିଛି । ଛତୁରେ ପ୍ରଚୁର ପରିମାଣରେ ଧାତବଲବଣ, ଖାଦ୍ୟପ୍ରାଣ ଓ ତନ୍ତୁଜାତୀୟ ଖାଦ୍ୟ ରହିଛି । ଉତ୍ପାଦକତା ଭିତ୍ତିରେ ଛତୁ ପ୍ରୋଟିନର ସ୍ଥାନ ଯେକୌଣସି ଉଦ୍ଭିଦଜାତ ତଥା ପ୍ରାଣୀଜ ପ୍ରୋଟିନ ଠାରୁ ଉର୍ଦ୍ଧ୍ୱରେ । ଛତୁ ପ୍ରୋଟିନ୍ ସହଜରେ ହଜମ ହୁଏ । ଛତୁରେ ଥିବା ଫଲିକ ଏସିଡ୍ ମନୁଷ୍ୟ ଶରୀରରେ ରକ୍ତ କଣିକା କରାଏ । ରକ୍ତଚାପ ରୋଗୀ, ବହୁମୂତ୍ର ରୋଗୀ, ହୃଦରୋଗୀ, କୋଷ୍ଠକାଠିନ୍ୟ ରୋଗୀ ତଥା ବୟସ୍କ, ଶିଶୁ, ଗର୍ଭବତୀ, ଓ ମୋଟା ଲୋକଙ୍କ ପାଇଁ ଏହା ଉତ୍କୃଷ୍ଟ ଖାଦ୍ୟ । ସ୍ୱଳ୍ପ ଜମିଥିବା ବା ଭୂମିହୀନ ଲୋକମାନଙ୍କ ପାଇଁ ଛତୁ ଚାଷ ଏକ ଉତ୍ତମ ପେଷା । ଛତୁ ମଞ୍ଜି ଉତ୍ପାଦନ, ଛତୁ ସଂରକ୍ଷଣ ତଥା ପ୍ରକ୍ରିୟାକରଣ ଶିଳ୍ପ ଇତ୍ୟାଦି ମାଧ୍ୟମରେ ଯଥେଷ୍ଟ ନିଯୁକ୍ତି କରାଯାଇପାରିବ । ଛତୁ ଚାଷ ଘର ଭିତରେ କରାଯାଇ ପାରୁଥିବା ହେତୁ, ମହିଳାମାନଙ୍କ ପାଇଁ ଏହା ଏକ ଲାଭଜନକ ବ୍ୟବସାୟ ଅଟେ । ଚାଷ କରାଯାଉଥିବା ସମସ୍ତ ଫସଲମାନଙ୍କ ମଧ୍ୟରେ ଛତୁ ଖୁବ୍ ଶୀଘ୍ର, ପାଳଛତୁ ୧୦ରୁ ୧୫ଦିନ, ଧିଙ୍ଗିରି ଛତୁ ୧୫ରୁ ୨୧ ଦିନରେ ଉତ୍ପନ୍ନ ହୋଇଥାଏ । ନଡ଼ାରୁ ଛତୁ ଉତ୍ପାଦନ କରିସାରି, ପରିତ୍ୟକ୍ତ ନଡ଼ାକୁ ଖତ ବା କମ୍ପୋଷ୍ଟ ଆକାରରେ ଫସଲରେ ବ୍ୟବହାର କରାଯାଇପାରିବ ।

## ପାଳ ଛତୁ ଚାଷ

ଆମ ରାଜ୍ୟ ଓଡ଼ିଶାର ସର୍ବାଧିକ ଲୋକପ୍ରିୟ ଛତୁ ଭାବେ ପାଳଛତୁ ପରିଗଣିତ । ଏହାର ସ୍ୱାଦ ଓ ସୁଗନ୍ଧ ସମସ୍ତ ଖାଦ୍ୟ ଉପଯୋଗୀ ଛତୁମାନଙ୍କ ମଧ୍ୟରେ ସର୍ବୋତ୍କୃଷ୍ଟ ଏବଂ ଏହାର ଅବଧି ସବୁଠାରୁ କମ୍ । ଗ୍ରୀଷ୍ମମଣ୍ଡଳୀୟ ଛତୁ କିସମ ହୋଇଥିବାରୁ ଏହା ଅପେକ୍ଷାକୃତ ଅଧିକ ତାପମାତ୍ରା (୨୫ଡ଼ିଗ୍ରୀରୁ ୩୮ଡ଼ିଗ୍ରୀ ସେଲସିୟସ୍) ତଥା ଆର୍ଦ୍ରତା (୮୫ରୁ ୯୦ ପ୍ରତିଶତ)ରେ ମାର୍ଚ୍ଚ ମାସଠାରୁ ଆରମ୍ଭ କରି ଅକ୍ଟୋବର ମାସ ମଧ୍ୟରେ ଚାଷ କରାଯାଇଥାଏ । ସଫଳ ଚାଷ ପାଇଁ ପରୋକ୍ଷ ଆଲୋକ, ବାୟୁ ଚଳପ୍ରଚଳର ଆବଶ୍ୟକତା ରହିଛି । ଗୋଟିଏ ପାଳଛତୁ ପଟାଳି ବା ବେଡ୍ ପାଇଁ ନିମ୍ନଲିଖିତ ଉପାଦାନଗୁଡ଼ିକ ଆବଶ୍ୟକ ।




ନଡ଼ା - ୧୦ କିଲୋ କିମ୍ବା ୧୫ରୁ ୨୦ ବିଡ଼ା,  ଛତୁ ବିହନ - ଏକ ବୋତଲ ବା ୨୦୦ ଗ୍ରା, ବେସନ କିମ୍ବା ଡାଲିଗୁଣ୍ଡ - ୨୫୦ ଗ୍ରାମ୍, ଭାଡ଼ି - ୨ଫୁଟ୍ X ୨ଫୁଟ୍, ଜରି ବା ପଲିଥିନ ଚଦର - ୬ଫୁଟ୍ X ୬ଫୁଟ୍

ଆବଶ୍ୟକୀୟ ନଡ଼ାକୁ ୧୦ରୁ ୧୨ ଘଣ୍ଟା ପରିଷ୍କାର ପାଣିରେ ବତୁରାଇ ଦିଅନ୍ତୁ । ଏହା ପରେ ନଡ଼ା ଛାଣି ଆଣି ୫ରୁ ୬ଘଣ୍ଟା ଛାଇରେ ବିଡ଼ାଗୁଡ଼ିକୁ ଛିଡ଼ା କରି ରଖନ୍ତୁ । ଯେପରି ସେଥିରୁ ଅଧିକ ପାଣି ନିଗିଡ଼ି ଯିବ । ନଡ଼ାରେ ଜଳୀୟ ଅଂଶ ୬୫ ପ୍ରତିଶତ ରହିଲେ ଅଧିକ ଅମଳ ମିଳେ । ୩ ସପ୍ତାହ କିମ୍ବା ମାସିକିଆ ଛତୁ ମଞ୍ଜି ବ୍ୟବହାର କରିବା ଭଲ, ବୋତଲକୁ ଭାଙ୍ଗି ମଞ୍ଜି ଟେଳାକୁ ବାହାର କରନ୍ତୁ ଓ ତାହାକୁ ସମାନ ଚରିଭାଗ କରନ୍ତୁ, ପ୍ରତିଖଣ୍ଡ ବୁଢ଼ା ଆଙ୍ଗୁଳି ଆକାରର ମୋଟା ଛୋଟ ଛୋଟ ଖଣ୍ଡ ହେବା ଆବଶ୍ୟକ । ୨୫୦ ଗ୍ରାମ ବେସନ କିମ୍ବା ଚୋକଡ଼କୁ ମଧ୍ୟ ସମାନ ଚାରିଭାଗ କରନ୍ତୁ । ପ୍ରଥମେ ୬ଇଞ୍ଚ୍ ବହଳର ୨ଫୁଟ ଲମ୍ବା, ୨ଫୁଟ୍ ଓସାରର ନଡ଼ା ଭାଡ଼ି ଉପରେ ବିଛାଇ ପ୍ରଥମ ସ୍ତର ପ୍ରସ୍ତୁତ କରନ୍ତୁ ଯେପରି ନଡ଼ାର ମୂଳ ବାହାରକୁ ଓ ଅଗ୍ରଭାଗ ଭିତରକୁ ରହିବ । ଏହାପରେ ଏକ ଭାଗ ମଞ୍ଜି ଖଣ୍ଡ ଆଣି ପଟାଳୀର ଧାରରୁ ୩ରୁ ୪ଇଞ୍ଚ୍ ଭିତରକୁ ଚାରି ପାଖରେ ୩ ରୁ ୪ ଇଞ୍ଚ୍ ବ୍ୟବଧାନରେ ଥୁଅନ୍ତୁ । ମଞ୍ଜି ଖଣ୍ଡ ଉପରେ ଏକ ଭାଗ ବେସନ୍ ବା ଚୋକଡ଼୍ ବୁଣି ଦିଅନ୍ତୁ । ପ୍ରଥମ ସ୍ତର ଉପରେ ୬ଇଞ୍ଚି ବହଳରେ ବିପରୀତ ଦିଗରେ ଦ୍ୱିତୀୟସ୍ତର ନଡ଼ା ବିଛା ଯାଇଥାଏ ଏବଂ ପ୍ରଥମ ସ୍ତର ଭଳି ୪ପାଖରେ ୩ ରୁ ୪ଇଞ୍ଚ୍ ବ୍ୟବଧାନରେ ଆଉ ଏକ ଭାଗ ଛତୁ ମଞ୍ଜି ତଥା ତାହା ଉପରେ ଏକ ଭାଗ ବେସନ୍ କିମ୍ବା ଚୋକଡ଼ ବୁଣାଯାଏ । ତୃତୀୟ ସ୍ତରରେ ପୁଣି ୬ଇଞ୍ଚ୍ ବହଳରେ ନଡ଼ା ଦ୍ୱିତୀୟ ସ୍ତରର ବିପରୀତ ପାର୍ଶ୍ୱରେ ବିଛାନ୍ତୁ । ତେବେ ଏହି ସ୍ତର ଉପରେ ଅବଶିଷ୍ଟ ଦୁଇଭାଗ ମଞ୍ଜି କଡ଼ରେ ଓ ମଝିରେ  ପକାଇ ତା'ଉପରେ ୨ଭାଗ ବେସନ ବା ଗହମ ଚୋକଡ଼ ପୁଣି ଦିଅନ୍ତୁ । ତୃତୀୟ ସ୍ତରରେ ମଝିରେ ମଞ୍ଜି ପକାଇଲେ ତାହା ପତଳା ଚତୁର୍ଥ ବହଳ ଭେଦକରି ଉପରେ ଛତୁ ଫୁଟି ପାରିବ । ଶେଷରେ ଚତୁର୍ଥ ସ୍ତର ନଡ଼ା ୨ରୁ ୩ ଇଞ୍ଚ ବହଳରେ ତୃତୀୟ ସ୍ତରର ବିପରୀତ ପାଖରେ ପକାନ୍ତୁ । ପଟାଳି ପଡ଼ିସାରିବା ପରେ ଧଳା ରଙ୍ଗର ଜରି ଚାଦର ଦ୍ୱାରା ତାହାକୁ ଘୋଡ଼ାଇ ଦିଅନ୍ତୁ । ଜୁଲାଇ ଠାରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ଜଳବାୟୁର ତାପମାତ୍ରା କମ୍ ଥିବା ହେତୁ ଜରି ଚାଦର ଛତୁ କଢ଼ ଆସିବା ପର୍ଯ୍ୟନ୍ତ ଘୋଡ଼ାଯାଇପାରେ । ତେବେ ଏପ୍ରିଲ୍ ଓ ମେ ମାସରେ ଜଳବାୟୁ ଅତ୍ୟଧିକ ଗରମ ଥିବାରୁ ପଟାଳିରୁ ଜରି ଚାଦର ଦିନବେଳା ବାହାର କରି ମଝିରେ ମଝିରେ ଜଳ ସିଞ୍ଚନ କରିବା ଦରକାର । ଏତଦ୍‌ବ୍ୟତୀତ ମାର୍ଚ୍ଚରୁ ଜୁନ୍ ପର୍ଯ୍ୟନ୍ତ ଆବଶ୍ୟକୀୟ ଉତ୍ତାପ ଓ ଆର୍ଦ୍ରତା ରକ୍ଷା କରିବା ପାଇଁ ଛତୁ ଘରେ ପାଣି ପକାଇବା ସହିତ ଓଦା ଅଖା ଛତୁ ଘରର ଚାରି ପାର୍ଶ୍ୱରେ ଟଙ୍ଗାଇବା ଆବଶ୍ୟକ । ଛତୁଘର ଚଟାଣରେ ବାଲି ପକାଇ ଓଦା କରିବା ଦରକାର । ପଟାଳି ପଡ଼ିବାର ୮ରୁ ୧୦ ଦିନ ମଧ୍ୟରେ କବକ ଜାଲ ଅଗରେ ଗଣ୍ଠିମାନ ସୃଷ୍ଟି ହୁଏ ଓ ସେଗୁଡ଼ିକ ଛତୁ କଢ଼ରେ ପରିଣତ ହୁଏ । ପ୍ରାୟ ୧୪ରୁ ୧୫ ଦିନ ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ସମୁଦାୟ ଅମଳର ୮୦ ପ୍ରତିଶତ ଉତ୍ପାଦନ ପାଇବେ । ଏହାର ୮ରୁ ୧୦ ଦିନ ବ୍ୟବଧାନରେ ଦ୍ୱିତୀୟ ପର୍ଯ୍ୟାୟରେ ଅବଶିଷ୍ଟ ୨୦ ପ୍ରତିଶତ ଅମଳ ପାଇବେ । ଗୋଟିଏ ପାଳଛତୁ ପଟାଳିରୁ ଏକ କିଲୋରୁ ଦେଢ଼ କିଲୋ ଛତୁ ମିଳିବ ଜଣେ ଚାଷୀ ଦିନକୁ ୫ଗୋଟି ଲେଖାଏଁ ବେଡ଼୍ ବା ପଟାଳି ହିସାବରେ ୧ମାସରେ ୧୫୦ଟି ବେଡ଼ ପକାଇ ନିମ୍ନଲିଖିତ ହିସାବ ଅନୁଯାୟୀ ମାସକୁ ଟ.୧୫,୦୦୦/-ଙ୍କା ରୋଜଗାର କରିପାରିବ ।

## ଛତୁ ଚାଷରେ ଆୟବ୍ୟୟର ହିସାବ (୧୫୦ ବେଡ୍ ପାଇଁ)

| ଖର୍ଚ୍ଚ | ପରିମାଣ | ଖର୍ଚ୍ଚହାର(ଟଙ୍କା) | ସମୁଦାୟ (ଟଙ୍କା) |
|---|---|---|---|
| ନଡ଼ା | ୧୫୦୦କିଗ୍ରା | ୧.୦୦ | ୧୫୦୦ |
| ଛତୁମଞ୍ଜି | ୧୫୦ଟି ବୋତଲ | ୧୫ | ୨୨୫୦ |
| ବେସନ ବା ଡାଲିଗୁଣ୍ଡ | ୩୭.୫ କିଗ୍ରା | ୭୦ | ୨୬୨୫ |
| ଅନ୍ୟାନ୍ୟ | | | ୨୬୨୫ |
| ସମୁଦାୟ | | | ୯୦୦୦ |

**ଉତ୍ପାଦନ**

ବେଡ୍ ପିଛା ୧କିଗ୍ରା x ୧୫୦ଟି ବେଡ୍ = ୧୫୦ କିଗ୍ରା (ଅମଳ)

କିଗ୍ରା ପିଛା ଟ.୧୬୦.୦୦ x ୧୫୦ କିଗ୍ରା = ୨୪,୦୦୦ଟଙ୍କା

ନିଟ୍ ଲାଭ: ଟ.୨୪,୦୦୦ - ୯୦୦୦ = ୧୫୦୦୦ (ପ୍ରତି ମାସରେ)

## ପାଳ ଛତୁ ସଂରକ୍ଷଣ

ପାଳଛତୁ ଗୋଟିଏ ଦିନ ଭିତରେ ସଢ଼ି ଖରାପ ହୋଇଯାଏ । ଆମେ ଛତୁକୁ ଯଦି ରେଫ୍ରିଜରେଟରରେ ଭଲ ଭାବରେ ପଲିଥିନରେ ଘୋଡାଇ ରଖିବା, ତେବେ ତାହା ୨/୩ ଦିନ ରହିପାରିବ । ଛତୁ ସଂରକ୍ଷଣ ପାଇଁ ବିଭିନ୍ନ ପ୍ରକାର ବ୍ୟବସ୍ଥା ଅଛି । ଯେତିକି ସମ୍ଭବ ତାହା ଏଠାରେ ବର୍ଣ୍ଣନା କରାଯାଇଛି ।

**ଛତୁ ଶୁଖାଇ ରଖିବା:** ଏହାକୁ ସାଧାରଣ ଲୋକେ କରିପାରିବେ । ବଳକା ଛତୁକୁ ସୂର୍ଯ୍ୟକିରଣରେ ମାଛ ଶୁଖାଇ ଶୁଖୁଆ କଲା ପରି ଶୁଖାଇବେ । ଏହାକୁ ଦିନେ କିମ୍ବା ଦୁଇ ଦିନ ଶୁଖାଇ ପଲିଥିନ କିମ୍ବା ଆଲୁମିନିୟମ ଫଏଲରେ ପ୍ୟାକିଂ କରିପାରିବା ।

**ଭାକ୍ୟୁମ ଓ ଫ୍ରିଜ ଡ୍ରାଇଙ୍ଗ:** ଶୀତଳୀକରଣ ଓ ଶୁନ୍ୟତା ପ୍ରକ୍ରିୟାରେ ମଧ୍ୟ ଛତୁକୁ ଶୁଖାଇ ହେବ । ସାଧାରଣତଃ ବଡ ବଡ ଛତୁ ଫାର୍ମ ଏହି ପ୍ରଣାଳୀରେ ଶୁଖାଇଲେ ଛତୁର ଆକାର ଓ ରଙ୍ଗର ବିଶେଷ ପରିବର୍ତ୍ତନ ଘଟେ ନାହିଁ । ଏହି ପ୍ରଣାଳୀରେ ଛତୁ ଶୁଖାଇ ରପ୍ତାନୀ କରନ୍ତି । ଯେଉଁ ପ୍ରଣାଳୀରେ ଛତୁ ଶୁଖା ଯାଉନା କାହିଁକି, ଏଥିରେ ୧୦ ପ୍ରତିଶତରୁ କମ ଜଳୀୟ ଅଂଶ ରହିବା ଦରକାର । ଛତୁ ଶୁଖାଇବା ପୂର୍ବରୁ ତାହାକୁ ୫ ମିନିଟ ଲୁଣ ପାଣିରେ ସିଝାଇ ଉପର ବର୍ଣ୍ଣିତ ପ୍ରଣାଳୀରେ ଶୁଖା ଯାଇପାରେ ।

**ଛତୁବଡି:** ଛତୁ ବଡି ତିଆରି କରିବାକୁ ହେଲେ ନିମ୍ନଲିଖିତ ପଦାର୍ଥର ଅନୁପାତ ହିସାବରେ ଦରକାର । ବିରି- ୧ କିଲୋଗ୍ରାମ, ଚାଉଳ-୧୦୦ଗ୍ରାମ, ଛତୁ-୫୦୦ ଗ୍ରାମ, ଜିରା-୨୦ଗ୍ରାମ, ଲଙ୍କା-୨୦ଗ୍ରାମ, ଲୁଣ ସ୍ୱାଦଅନୁଯାୟୀ । ପ୍ରଥମେ ବିରି ଓ ଚାଉଳକୁ ବତୁରାଇ ପରେ ଛତୁ ସହ ମିଶାଇ ବାଟି ଦିଅନ୍ତୁ । ଏହାପରେ ଉପର ଲିଖିତ ମସଲା ଗୁଣ୍ଡ ମିଶାଇ ଭଲ ଭାବରେ ଫେଣ୍ଟନ୍ତୁ । ଫେଣ୍ଟି ସାରିଲା ପରେ କୌଣସି ଟିଣ ଚଦର ଉପରେ ତେଲ ମାରି ବଡି ପକାଇ ୨/୩ ଦିନ ଖରାରେ ଶୁଖାନ୍ତୁ । ଭଲ ଭାବରେ ଶୁଖିଗଲା ପରେ ଏହି ଛତୁ ବଡିକୁ ପଲିଥିନରେ ପ୍ୟାକ କରି ରଖନ୍ତୁ ।

**ପଲିଥିନ ଥଳିରେ ସଂରକ୍ଷଣ:** ତାଜା ଛତୁକୁ ୧ ଲି. ପାଣିରେ ୨୦ ଗ୍ରା ଲୁଣ, ୨ ଗ୍ରା ପୋଟାସିୟମ ମେଟାବାଇସଲଫାଇଟ, ୨ ମି.ଲି. ଗ୍ଲାସିଆଲ୍ ଏସିଟିକ୍ ଏସିଡ୍ ଗୋଳାଇ ୨/୩ ମିନିଟ୍ ସିଝାଇ ଗୋଟିଏ ପଲିଥିନ ଥଳିରେ ରଖିଲେ ୧୦ରୁ ୧୫ ଦିନ ରହିପାରିବ ।

**ଛତୁଆଚାର:** ଛତୁକୁ ବିଭିନ୍ନ ପ୍ରକାର ଆଚାର କରି ରଖିପାରିବେ ।

ଛତୁ ୫୦୦ଗ୍ରାମ, ନାଲି ଲଙ୍କାଗୁଣ୍ଡ ୧ଚାମଚ, ହଳଦୀ ଗୁଣ୍ଡ-୧ ଚାମଚ, ଅଦା-୨୫ଗ୍ରାମ, ପାନ ମଧୁରୀ -୨ଚାମଚ, ଗୁଜୁରାତି-୬ଗୋଟା, ରାଇ ସୋରିଷ-୧ ଚାମଚ, ଲବଙ୍ଗ-୪ ଗୋଟା, ଏସିଟିକ୍ ଏସିଡ-୨ ଚାମଚ, ସୋରିଷ ତେଲ-୧୦୦ ମିଲି ଲିଟର, ମେଥି ଗୁଣ୍ଡ-୨ ଚାମଚ ଓ ଲୁଣ ସ୍ୱାଦ ଅନୁଯାୟୀ ।

**ପ୍ରସ୍ତୁତି ପ୍ରଣାଳୀ:** ଛତୁ ଗୁଡିକୁ ଭଲ ଭାବରେ ଧୋଇ ଖଣ୍ଡ ଖଣ୍ଡ କରି କାଟନ୍ତୁ । ପରେ ଏହାକୁ ୫ ମନିଟ ପର୍ଯ୍ୟନ୍ତ ଗରମ ପାଣିରେ ପକାନ୍ତୁ । ପାଣିରୁ ବାହାର କରି ଅଳ୍ପ ସମୟ ପାଇଁ ଶୁଖାନ୍ତୁ । ସମସ୍ତ ମସଲାକୁ ବାଟନ୍ତୁ । ତେଲ ଗରମ କରି ମସଲାକୁ ଭାଜନ୍ତୁ । ଉକ୍ତ ମସଲା ସହିତ ଛତୁଗୁଡିକୁ ଭଲ ଭାବରେ ଭାଜନ୍ତୁ ।

## ଧିଙ୍ଗିରିଛତୁ ଚାଷ

ଶୀତ ରତୁରେ ଧିଙ୍ଗିରିଛତୁ ଚାଷ କରାଯାଇ ପାରିବ, ଏହି ଛତୁଚାଷପାଇଁ ୨୦-୩୦° ଉତ୍ତାପ ଦରକାର କରିଥାଏ । ଏହା ଏକ ଲାଭଜନକ ପନ୍ଥା । କମ୍ ସମୟରେ ଓ କମ୍ ଖର୍ଚ୍ଚରେ କରାଯାଇ ପାରୁଥିବାରୁ ଗାଁ ଗହଳିରେ ମହିଳାମାନଙ୍କ ଠାରୁ ଆରମ୍ଭକରି ଯୁବ ଚାଷୀ ଭାଇ-ଭଉଣୀମାନଙ୍କ ନିକଟରେ ଏହା ବେଶ୍ ଆଦୃତ । ଏଣୁ ଏହି ଚାଷ କରିବାକୁ ହେଲେ ନିମ୍ନଲିଖିତ ଦିଗପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼ିଥାଏ ।

### ଧିଙ୍ଗିରି ଛତୁ ଚାଷ ପ୍ରଣାଳୀ:

ବେଙ୍ଗଲା ପଡ଼ି ନଥିବା ଟାଣ କିସମ ନଡ଼ା ବାଛନ୍ତୁ, ପତ୍ରାଂଶ କିଛି ପରିମାଣରେ ବାଦ ଦେଇ ୨/୩ ଇଞ୍ଚ ଆକାରରେ ନଡ଼ାକୁ କାଟନ୍ତୁ । ଏହାକୁ ପରିଷ୍କାର ଚୂନପାଣିରେ ୫/୬ ଘଣ୍ଟା ବତୁରାନ୍ତୁ । ପ୍ରତି ବ୍ୟାଗ୍ ପାଇଁ (୮୦ ସେମି x ୪୦ ସେମି) ୨କିଗ୍ରା ଶୁଖିଲା ନଡ଼ା ଆବଶ୍ୟକ । ନଡ଼ା ଛାଣି ଛାଇରେ ଶୁଖାଇ ନଡ଼ାରୁ ଅଧିକ ପାଣି ନିଗାଡ଼ି ଦିଅନ୍ତୁ । ଛତୁ ମଞ୍ଜି ବାହାରକରି ଏହାକୁ ୩ ଭାଗ କରନ୍ତୁ । ୨୦୦ ଗ୍ରାମ୍ ଗହମକୁ ସିଝାଇ ଏହାକୁ ଛାଇରେ ଶୁଖାଇ ୩ ଭାଗ କରନ୍ତୁ । ପଲିଥିନ୍ ବ୍ୟାଗର ଗୋଟିଏ ପଟ ବାନ୍ଧି ସେଥିରେ ସ୍ତରସ୍ତର କରି ନଡ଼ା ଦେଇ ଏଥିରେ ମଞ୍ଜି ଓ ସିଝା ଗହମ ଦିଅନ୍ତୁ । ଏହାପରେ ୩ୟ ସ୍ତର କରିବା ପରେ ପଲିଥିନ୍ ବ୍ୟାଗ୍ର ଉପର ପଟ ବାନ୍ଧି ଦିଅନ୍ତୁ ଏବଂ ୧୫/୨୦ଟି କଣା କରି ଏହାକୁ ୧୫ ଦିନ ଅନ୍ଧାର ଘରେ ରଖି ପଲିଥିନ୍ ବ୍ୟାଗ୍ରେ ଥିବା ପିମ୍ପି ପିଣ୍ଡୁଳାକୁ ବାହାରକୁ କାଢ଼ି ଟାଙ୍ଗି ଦିଅନ୍ତୁ । ଅନ୍ଧାର ଘରେ ରଖିବା ସମୟରେ ମୂଷା, ବୁଢ଼ିଆଣୀ କିମ୍ବା ଅନିଷ୍ଟକାରୀ ଜୀବଙ୍କ ଦାଉରୁ ଛତୁ ବ୍ୟାଗ୍କୁ ରକ୍ଷା କରନ୍ତୁ । ପିମ୍ପି ପିଣ୍ଡୁଳାର ଆର୍ଦ୍ରତା ଅନୁସାରେ ପ୍ରତିଦିନ ଦୁଇ/ତିନି ଥର ପାଣି ସିଞ୍ଚନ କରନ୍ତୁ ।



## ଛତୁଚାଷ ପାଇଁ ଆବଶ୍ୟକୀୟ ପରିବେଶ:

| ଉପାଦାନ | ପରିମାଣ | ଉପାଦାନ | ପରିମାଣ |
|---|---|---|---|
| ଉତ୍ତାପ | ୨୦-୩୦° ସେ | ନଡ଼ାର ଜଳୀୟ ଅଂଶ | ୬୫% |
| ଆଲୋକ | ୨୦୦ ଲକ୍ସ | ନଡ଼ାର ଅମ୍ଳତା | ୫.୫-୬.୫ |
| ବାୟୁର ଆର୍ଦ୍ରତା | ୮୦-୮୫% | ଅମ୍ଳଜାନ | ଫୁଟିବା ସମୟରେ |

## ଛତୁ ଚାଷ ପାଇଁ ଆବଶ୍ୟକୀୟ ସାମଗ୍ରୀ:

| ସାମଗ୍ରୀ | ପରିମାଣ (୧ଟି ବ୍ୟାଗ୍) |
|---|---|
| ୧. ନଡ଼ା | ୨-୩ ବିଡ଼ା/ ୨ କି.ଗ୍ରା. |
| ୨. ଛତୁ ମଞ୍ଜି | ଏକ ବୋତଲ/ ୨୦୦ ଗ୍ରାମ୍ |
| ୩. ଗହମ | ୨୦୦ ଗ୍ରାମ |
| ୪. ବ୍ୟାଗ୍‌ର ଆକାର | ୮୦ ସେମି x ୪୦ ସେମି |
| ୫. ଯନ୍ତ୍ରପାତି | ସ୍ପ୍ରେୟାର ଓ ନଡ଼ାକଟା ଯନ୍ତ୍ର |



ଛତୁଚାଷରେ ସମସ୍ତ ଦିଗ ପ୍ରତି ଯତ୍ନ ସହିତ ନଡ଼ାକୁ ବିଶୋଧନ କରିବା ଜରୁରୀ । ଛତୁ ଅମଳ ପରେ ନଡ଼ା ପିଣ୍ଡୁଳାଟିକୁ ଫୋପାଡ଼ି ନଦେଇ ଗୋଖାଦ୍ୟ, କମ୍ପୋଷ୍ଟ (ଜିଆଖତ), ଛାଦିକରଣ କିମ୍ବା ଜାଳେଣୀ ରୂପେ ବ୍ୟବହାର କରାଯାଇ ପାରିବ । ପ୍ରତି ଅମଳ ସମୟରେ ସକାଳେ ସନ୍ଧ୍ୟାରେ ପିଣ୍ଡୁଳାରେ ପାଣି ସିଞ୍ଚନ କରନ୍ତୁ । ପ୍ରତ୍ୟେକଥର ଛତୁ ଘରକୁ ବିଶୋଧନ କରାଇ ନେବା ଉଚିତ୍ । ଏଥିପାଇଁ ୧୦୦ ମିଲି ଫରମାଲିନ୍‌କୁ ୨ ଲିଟର ପାଣିରେ ମିଶାଇ ଛତୁ ଘର, ଚଟାଣ ଓ କାନ୍ଥରେ ସିଞ୍ଚନ କରନ୍ତୁ । କୁଣ୍ଡଗୁଡ଼ିକୁ ମଧ୍ୟ ଅନୁରୂପ ଭାବେ ବ୍ଲିଚିଂ ପାଉଡର କିମ୍ବା ରାସାୟନିକ କବକନାଶୀ ଦ୍ୱାରା ବିଶୋଧନ କରନ୍ତୁ । ବଳକା ଛତୁକୁ ୦.୦୫% ପୋଟାସିୟମ ମେଟାବାଇସଲଫାଇଟ୍ ପାଉଡରରେ ଉପଚାର କରି ଖରାରେ ଶୁଖାଇ କିଛିଦିନ ପର୍ଯ୍ୟନ୍ତ ସାଇତି ରଖାଯାଇ ପାରିବ । ନଚେତ୍ ଆଚାର, ସସ୍, ପାମ୍ପଡ଼, ଲଡ୍ଡୁ, ନୋଡୁଲ୍ସ ଆଦି ମୂଲ୍ୟଯୁକ୍ତ ଖାଦ୍ୟ ପ୍ରସ୍ତୁତ କରାଯାଇ ଅଧିକ ଅର୍ଥ ଉପାର୍ଜନ କରାଯାଇ ପାରିବ ।

## ଛତୁ ଚାଷରେ ଆୟବ୍ୟୟର ହିସାବ (୧୦୦ ବ୍ୟାଗ୍ ପାଇଁ)

| ଖର୍ଚ୍ଚ | ପରିମାଣ | ଖର୍ଚ୍ଚହାର(ଟଙ୍କା) | ସମୁଦାୟ (ଟଙ୍କା) |
|---|---|---|---|
| ନଡ଼ା | ୨୦୦କିଗ୍ରା | ୧.୦୦ | ୨୦୦ |
| ଛତୁମଞ୍ଜି | ୧୦୦ଟି ବୋତଲ | ୧୫ | ୧୫୦୦ |
| ଗହମ | ୨୫ କିଗ୍ରା | ୨୦ | ୫୦୦ |
| ଅନ୍ୟାନ୍ୟ | | | ୨୦୦ |
| ସମୁଦାୟ | | | ୨୪୦୦ |

**ଉତ୍ପାଦନ**

ବ୍ୟାଗ୍ ପିଛା ୨କିଗ୍ରା x ୧୦୦ଟି ବ୍ୟାଗ୍ = ୨୦୦ କିଗ୍ରା (ଅମଳ)

କିଗ୍ରା ପିଛା ଟ.୬୦.୦୦ x ୨୦୦ କିଗ୍ରା = ୧୨,୦୦୦ଟଙ୍କା

ନିଟ୍ ଲାଭ: ଟ.୧୨,୦୦୦ - ୨୪୦୦ = ୯୬୦୦ (୨ମାସରେ)

ମାସକୁ: ଟ.୯୬୦୦/୨ = ଟ. ୪୮୦୦

Printed at: Ankita Graphics, Bhubaneswar, Cell:9437077337